## ସଂକ୍ଷେପରେ

### ଶିଶୁକନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର, ୨୬।୬ (ଡି.ଏନ.ଏ)- ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଅଧୀନ କୁମୁଡାଶୋଳ ଗ୍ରାମ ଚେରମପୁଟୁ ସାହିରେ ଶନିବାର ବିଳମ୍ବିତ ରାତିରେ ଜଣେ ଶିଶୁକନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ମାନସିଂ ଟୁଡୁଙ୍କ ବର୍ଷକର ଝିଅ ପାନସରୀ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ପାନସରୀ ତାଙ୍କ ମା'ଙ୍କ ସହ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ରବିବାର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରାମେଶ୍ୱର ମନ୍ଦିର ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ, ୨୬।୬ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ କୁବେରାଗଡ଼ିଆଠାରେ ରାମେଶ୍ୱର ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଜଗବନ୍ଧୁ ମିଶ୍ର ଓ ନିଗମାନନ୍ଦ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ପରେ ସୂର୍ଯ୍ୟ ପୂଜା, ବୃଷଭ ପୂଜା, ସପ୍ତରୁଦ୍ର ଅଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାସହ ବେଲପତ୍ର ଚଳନ, ହୋମ ଯଜ୍ଞ, ମହାଦେବଙ୍କ ବନ୍ଦାପନା ଓ ୧୦୮ ଆହୁତି ପରେ ପୂଜା ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ଆଲିହା, ସୁନି, ତୁଳସୀପୁର, ସରସଦା, କୋଳିଗ ଆଦି ଗାଁର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପୋଷ୍ଟକାର୍ଡ ପ୍ରେରଣ ଅଭିଯାନ

ସୋର,୨୬।୬(ଡି.ଏନ୍.ଏ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର ଆସୋସିଏସନ୍ ଆହ୍ୱାନରେ ୪ ଦଫା ଦାବି ସମ୍ବଳିତ ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନ କାର୍ଯ୍ୟକ୍ରମ ସୋର କମରପୁରସ୍ଥିତ ସଂଗ୍ରାମୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପେନସନ୍ ସଂଘର ସଙ୍ଗଠନ ସମ୍ପାଦକ ସାଥୀ ମାୟାଧର ନାୟକ ଯୋଗଦେଇ ପେନସନ୍‌ଭୁକ୍ତ ପ୍ରତ୍ୟେକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ସହ ମହଙ୍ଗାଭତ୍ତା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଉପସ୍ଥିତ ଶତାଧୀକ ସଦସ୍ୟ ନିଜ ହାତରେ ଲେଖିଥିବା ପୋଷ୍ଟକାର୍ଡ ଚିଠି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ। କେନ୍ଦ୍ର ସରକାର ଯଥାଶୀଘ୍ର ପେନସନଧାରୀଙ୍କ ସମସ୍ୟା ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଦେଶୀ ମଦ ଜବତ, ଜଣେ ଗିରଫ

ଉଦଳା, ୨୬।୬ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଉଦଳା ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ ସହ ଜଣଙ୍କୁ ଗିରଫ କରିଛି। ଉଦଳା ଥାନା କଇଁଫୁଲିଆ ଗ୍ରାମରେ ବେଆଇନ ମଦ ପ୍ରସ୍ତୁତ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ୭୮ ଲିଟର ଦେଶୀମଦ ସହ ୫୦ଟି ଡ୍ରମ୍ ଜବତ କରିଥିଲା। ଏହାସହ ମଦ କାରବାର କରୁଥିବା ବେପାରୀ ଜୟରାମ ହାଁସଦାଙ୍କୁ ପୋଲିସ ଗିରଫ କରିଛି। ମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ସାମଗ୍ରୀ ମଧ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୪/୨୨) ରୁଜୁ ହୋଇଛି।

### ରଥଯାତ୍ରା ପାଇଁ ପ୍ରଶାସନ ସମନ୍ୱୟ ବୈଠକ

କେନ୍ଦୁଝର, ୨୬।୬(ଡି.ଏନ୍.ଏ.): କେନ୍ଦୁଝରର ପ୍ରସିଦ୍ଧ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ, ବରିଷ୍ଠ ପୋଲିସ ଅଧିକାରୀ, ଅନ୍ୟ ପ୍ରଶାସନିକ ଅଧିକାରୀ ଏବଂ ସ୍ବେଚ୍ଛାସେବୀମାନଙ୍କର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତରର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ ଅଧକ୍ଷତା କରିଥିବାବେଳେ କେନ୍ଦୁଝର ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋ,ବାଂଶପାଳ ତହସିଲଦାର ସପନ କୁମାର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ, ଟାଉନ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଉପଜିଲାପାଳ ରଞ୍ଜିତା ସିଂ, ସଂସ୍ଥା ଅଧିକାରୀ ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହେଉ ତଦନ୍ତ ଦାୟିତ୍ୱ



- ସାତକୋଶିଆରୁ ହାତୀ କଙ୍କାଳ ଉଦ୍ଧାର ଘଟଣା
- ମୁହଁ ଖୋଲୁନାହାନ୍ତି ନିଲମ୍ବିତ ୨ ଫରେଷ୍ଟର
- ରେଞ୍ଜର ଏବେ ବି ଫେରାର ଥିବା କହିଲେ ଡିଏଫ୍‌ଓ

ଅନୁଗୋଳ ଅଫିସ, ୨୬।୬

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଛି ପ୍ରଶ୍ନବାଚୀ। ଶିକାରୀଙ୍କ ଫାଶରେ ପଡ଼ି ୨୦୧୮ ନଭେମ୍ବର ୧୪ରେ ମହାବଳ ବାଘ ମହାବୀରର ମୃତ୍ୟୁ ଘଟଣା ଜନମାନସରୁ ଲିଭି ନ ଥିବାବେଳେ ଦାନ୍ତ ପାଇଁ ବର୍ଷେ ତଳୁ ଦନ୍ତା ହାତୀ ଶିକାର କରାଯାଇ ତାହାକୁ ପୋତି ଦିଆଯିବା ଅଭୟାରଣ୍ୟରେ ଶିକାରୀଙ୍କ ସକ୍ରିୟତାର ପ୍ରମାଣ ଦେଉଛି। ତେବେ ହାତୀ ଶିକାର ଓ ଦାନ୍ତ କାଟି ନିଆଯିବା ଘଟଣା ବନ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଜାଣତରେ ଘଟିବା ଏବେ ଉଦ୍‌ବେଗର ବିଷୟ ହୋଇଛି। ବର୍ଷେ ପରେ ଘଟଣା ପଦାକୁ ଆସିବା ପରେ ବିଭାଗ ପକ୍ଷରୁ ୨ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଛି ଓ ହାତୀ ସ୍କ୍ୱାଡ୍‌ର ୩ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଜିଲିଣ୍ଡା ରେଞ୍ଜର ଫେରାର ଥିବା ଡିଏଫ୍‌ଓ କହିଛନ୍ତି। ମହାବୀରର ମୃତ୍ୟୁକୁ ନେଇ ଅପନିନ୍ଦା ମୁଣ୍ଡାଇଥିବା ସାତକୋଶିଆ ଅଭୟାରଣ୍ୟ କର୍ତ୍ତୃପକ୍ଷ ବର୍ଷେ ଧରି କିପରି ହାତୀ ଶିକାର ସମ୍ପର୍କରେ ଜାଣିପାରିଲେ ନାହିଁ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ବନ୍ୟପ୍ରାଣୀ ପ୍ରେମୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟର ଜିଲିଣ୍ଡା ରେଞ୍ଜ ଜୁଡୁମ୍ ସେକ୍ସନ ସତ୍ୟଜୟପୁର ଜଙ୍ଗଲରେ ୨୦୨୧ ମେ ମାସରେ ହାତୀ ଶିକାର କରାଯାଇ ଦାନ୍ତ କାଟି ନିଆଯିବା ପରେ ମୃତଦେହ ପୋତି ଦିଆଯାଇଥିଲା। ଗତ ୨୩ ତାରିଖରେ କୌଣସି ସୂତ୍ରରୁ ଖବରପାଇ ବନ ବିଭାଗ ଉକ୍ତ କଙ୍କାଳ ଜବତ କରିଥିଲା। ଉକ୍ତ ହାତୀକୁ କିଭଳି ମରାଗଲା ଓ ଦାନ୍ତ କାଟି କେଉଁଆଡେ ନିଆଗଲା ତାହାର ତଦନ୍ତ ଜାରି ରହିଛି। ବନ୍ୟପ୍ରାଣୀ ପ୍ରେମୀଙ୍କ କହିବା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଟିକରପଡ଼ା, ପୁରୁଣାକୋଟ, ପମ୍ପାସର, ରାଇଗୁଡ଼ା ଓ ଜିଲିଣ୍ଡା ରେଞ୍ଜ ରହିଛି। ଏଠାରେ ଦକ୍ଷ ରେଞ୍ଜ ଅଫିସରଙ୍କୁ ନିଯୁକ୍ତି ପ୍ରଦାନ କରାଯାଉନାହିଁ। ତେଣୁ ରାଇଗୁଡ଼ା ଓ ଜିଲିଣ୍ଡା ଅଞ୍ଚଳ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ହୋଇପଡୁଛି। ଜିଲିଣ୍ଡା ରେଞ୍ଜକୁ ଲାଗିକରି ନରସିଂହପୁର ଅଞ୍ଚଳ ରହିଛି। ସେଠାରେ ଶୀକାରୀମାନେ ସକ୍ରିୟ ରହିଛନ୍ତି। ତଳିଆ କର୍ମଚାରୀମାନେ ଠିକ୍ ଭାବେ ପାଟ୍ରୋଲିଂ କରୁ ନ ଥିବା ବେଳେ ଅଧିକାରୀମାନେ ମଧ୍ୟ ଏସି ରୁମ୍‌ରୁ ବାହାରକୁ ବାହାରୁ ନାହାନ୍ତି। ତେଣୁ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସହ କ'ଣ ଘଟୁଛି ତାହା ଜାଣିପାରୁ ନାହାନ୍ତି। ଏପରିସ୍ଥଳେ ବନ ବିଭାଗ ଏହାର ତଦନ୍ତ କଲେ ରହସ୍ୟ ପଦାକୁ ଆସିବ ନାହିଁ କି ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ହେବନାହିଁ। ମହାବଳ ବାଘ ମହାବୀର ମୃତ୍ୟୁ ଘଟଣାରେ ମଧ୍ୟ ଏଯାଏ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସମସ୍ତେ ଜାଣନ୍ତି। ତେଣୁ ହାତୀ ଶିକାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ଦେବାକୁ ସେମାନେ ଦାବି କରିଛନ୍ତି। ପରିବେଶବିତ୍ ଅଶୋକ ଶତପଥୀ କହିଛନ୍ତି, ଅଭୟାରଣ୍ୟର ସୁରକ୍ଷାରେ ଢିଲା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଦକ୍ଷ ଅଧିକାରୀଙ୍କ ଅଭାବ ମଧ ଜଳ ଜଳ ହୋଇ ଦିଶୁଛି। ଅଭିଜ୍ଞତା ନ ଥିବା ଲୋକ ଅଧିକାରୀ ହୋଇସାତକୋଶିଆକୁ ଆସୁଥିବାରୁ ଏପରି ଘଟଣାକୁ ରୋକାଯାଇ ପାରୁନାହିଁ। ସୁନୀଲ କୁମାର ପ୍ରଧାନ କହିଛନ୍ତି, ହାତୀ ଶିକାର ଘଟଣାରେ ୱାଚରଙ୍କୁ ବଳି ପକାଇବା ବଦଳରେ ତତ୍କାଳୀନ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏହାର ତଦନ୍ତ କ୍ରାମଇବ୍ରାଞ୍ଚକୁ ହସ୍ତାନ୍ତର କରାଯାଉ। ତେବେ ଘଟଣା ସମ୍ପର୍କରେ ଡିଏଫ୍‌ଓ ସରୋଜ କୁମାର ପଣ୍ଡା କହିଛନ୍ତି, ହାତୀ କଙ୍କାଳ ଉଦ୍ଧାର ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲିଣ୍ଡା ରେଞ୍ଜର ଫେରାର ରହିଛନ୍ତି। ହାତୀକୁ କେମିତି ମରାଗଲା ତାହାର ତଦନ୍ତ ଜାରି ରହିଛି।

# ୩୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଅଫିସ,୨୬।୬

ବଅଁରପାଳ ବ୍ଲକ ସାନ୍ତରାପୁର ନୂଆସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଚତୁର୍ଭୁଜ ବେହେରା ମେମୋରିଆଲ ଟ୍ରଷ୍ଟ ଏବଂ ଓଡ଼ିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଟ୍ରଷ୍ଟ ଅଧକ୍ଷ ବିଜ୍ଞାନୀ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ କାଳୀଚରଣ ସାହୁ ସହଯୋଗ କରିଥିଲେ। ବଅଁରପାଳ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ୨୮ ନଂ ଜୋନ୍ ଜିଲା ପରିଷଦ ସଭ୍ୟା ମୀରା ଗଡନାୟକ, ବିଜେଡି ଯୁବନେତା ଅରୁଣାଭ ସିଂହ, ସାନ୍ତରାପୁର 'ଖ' ସରପଞ୍ଚ ନିର୍ମଳ କୁମାର ସାହୁ, ଗୋତମରା ସରପଞ୍ଚ ମଣ୍ଟୁ ବରାହ, ଭରତ ମାଝି, ପତିତପାବନ ମାଝି, ଭ୍ରମରବର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରରେ କନ୍ଦର୍ପ ସାହୁ, ଦୀପକ ସାହୁ, ହର୍ଷ ସାହୁ, ସୁକେଶ ସାହୁ, ମିଥୁନ ସାହୁ, ସୁନୀଲ ସାହୁ ସହଯୋଗ କରିଥିଲେ। ଅନୁଗୋଳ ବ୍ଲଡ ବ୍ୟାଙ୍କ କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ ଶିବିରକୁ ସଫଳ କରିଥିଲେ।

**OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL**
No.263(3), Date:4.6.2022

**Empanelment for the post of Mediator in the Office of District Consumer Disputes Redressal Commission, Angul**

"Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.

Sd./- President
D.C.D.R.C., Angul

# ବ୍ରାହ୍ମଣ ମହାସଂଘର ଜିଲା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ,୨୬।୬

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘର ଦ୍ୱାଦଶ ଜିଲା ସମ୍ମିଳନୀ ଅନୁଗୋଳ ମ୍ୟୁନିସିପାଲିଟି ଟାଉନ ହଲଠାରେ ଅନୁଷ୍ଠିତ ହୋଇଛି। ମହାସଂଘ ସଭାପତି ଶଶାଙ୍କ ଶେଖର ପାଣିଙ୍କ ଅଧକ୍ଷତାରେ ସମଗ୍ର ଜିଲାର ଶତାଧିକ ବ୍ରାହ୍ମଣ ଉପସ୍ଥିତ ହୋଇ ବ୍ରାହ୍ମଣମାନଙ୍କ ଉପକାର ତଥା ନ୍ୟାର୍ଯ୍ୟ ଦାବି ଉପରେ ନିଜ ନିଜର ମତପ୍ରକାଶ କରିଥିଲେ। ସମ୍ପାଦକ ପ୍ରଭାତ କୁମାର ରଥ ବିବରଣୀ ପାଠ କରିଥିଲେ। ମହାସଂଘର କର୍ମକର୍ତ୍ତାଙ୍କ ଅବଧି ଶେଷ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଡଭୋକେଟ ସୁରେଶ ମିଶ୍ର ନିର୍ବାଚନ ଅଧିକାରୀ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସଭାପତି ଭାବେ ଶଶାଙ୍କ ଶେଖର ପାଣି, ଉପସଭାପତି ଭାବେ ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ଭାବେ ସୂର୍ଯ୍ୟନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ ଭାବେ ସୁରେଶ ଶତପଥୀ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ରଞ୍ଜନ ମିଶ୍ର, ବସନ୍ତ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଦୁର୍ଗାପ୍ରସାଦ ଧର, ଗୋପୀନାଥ ତ୍ରିପାଠୀ, କାଶୀନାଥ ଶତପଥୀ, ବସନ୍ତ ନାଥ ପ୍ରମୁଖ ମନୋନୀତ ହୋଇଛନ୍ତି।

### ମହିଳାଙ୍କ ସହ ୩ ଗିରଫ

କଣିହାଁ,୨୬।୬(ଡି.ଏନ.ଏ.)

କଣିହାଁ ଥାନା ପୋଲିସ ରବିବାର ଚୋରା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ଜଣେ ମହିଳା ରହିଛନ୍ତି। ପୋଲିସ କହିଛି, ଶନିବାର ରାତିରେ ପାଟ୍ରୋଲିଂ ବେଳେ ଏକ କାର୍, ବାଇକ୍‌ର ଗତି ବିଧିକୁ ନେଇ ସନ୍ଦେହ ହେବାରୁ ବାଲିପଟା ଗ୍ରାମ ନିକଟରେ ଅଟକାଯାଇଥିଲା। କାର (ନଂ. ଓଆର୍-୦୨ଏଏଫ-୧୭୭୭)ରୁ ୪ କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। କାର୍‌କୁ ସୁରକ୍ଷା ଦେବାରେ ବାଇକ୍ (ନଂ.ଓଡି୩୫ଡି-୬୮୧୭)କୁ ମଧ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ କାକୁଡିଆ ଗ୍ରାମର ଦୁଃଶାସନ ଦାସ(୫୫), ରଙ୍ଗବେଡା ଗ୍ରାମର ଶ୍ରୀକାନ୍ତ ଦେହୁରୀ (୨୧), ଦେବଗଡ଼ ଜିଲା ବାରକୋଟ ଥାନା ଗୋଥମରା ଗ୍ରାମର ସଂଯୁକ୍ତା ପ୍ରଧାନ (୬୫)ଙ୍କୁ ଗିରଫ ପରେ କୋର୍ଟଚାଲାଣ ଚାଲାଣ କରାଯାଇଛି।

### ଟ୍ରକ୍ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବଅଁରପାଳ,୨୬।୬(ଡି.ଏନ.ଏ.)

ନାଲ୍‌କୋ ପେରିଫେରି ଟ୍ରକ୍ ମାଲିକ ସଂଘ ପକ୍ଷରୁ ରବିବାର ଉପଦେଷ୍ଟା ମଣ୍ଡଳୀ ଓ ୧୪ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାରାୟଣ ଚନ୍ଦ୍ର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ସତ୍ୟବାନ ବରାହ, କୁଳମଣି ବିଳାସ, ମୁକୁନ୍ଦ ନାଥ, ପବିତ୍ର ସାହୁ, ଅକ୍ଷୟ ଗାଆନଙ୍କ ସମେତ ୧୪ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପସଭାପତି ଦୀପକ ସାହୁ, ସହ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ନରୋତ୍ତମ ସାହୁ, ରାଜୀବ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମକର୍ତ୍ତମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷାର ମେରୁଦଣ୍ଡ'

### ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଇ-ପାଠଚକ୍ର

ଢେଙ୍କାନାଳ ଅଫିସ୍, ୨୬।୬

ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଢେଙ୍କାନାଳ ଜିଲା ଶାଖାର ୨୦ତମ ଇ-ପାଠଚକ୍ର ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆଜୀବନ ସଦସ୍ୟା ଝୁନୁବାଳା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରର ଶୀର୍ଷକ ରହିଥିଲା 'ଆମ ଐତିହ୍ୟ ଆମ ସଂସ୍କୃତି'। ଅନ୍ୟତମ ଆଜୀବନ ସଦସ୍ୟା ତଥା ଢେଙ୍କାନାଳ ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧକ୍ଷା ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇ 'ଶିକ୍ଷକ-ଶିକ୍ଷା ଇତିହାସ' ପ୍ରସଙ୍ଗ ଉପରେ ଦୀର୍ଘ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ଆଲୋଚନାରେ ବୈଦିକ ଯୁଗ, ପୌରାଣିକ ଯୁଗ, ପରାଧୀନ ଏବଂ ସ୍ୱାଧୀନ ଭାରତର ଶିକ୍ଷକଙ୍କ ପ୍ରଶିକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ଅପରିହାର୍ଯ୍ୟ। ସେମାନେ ଠିକ୍‌ଭାବେ ତାଲିମପ୍ରାପ୍ତ ନ ହେଲେ ଶିକ୍ଷାର ମେରୁଦଣ୍ଡ ଭାଙ୍ଗିପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱାତୀ ମିଶ୍ର ବନ୍ଦନା ଗାନ କରିଥିବାବେଳେ ଶିକ୍ଷୟିତ୍ରୀ ଯାମିନୀ ହୋତା ବିବେକବାଣୀ, ଶିକ୍ଷୟିତ୍ରୀ ପୂଜାରାଣୀ ସାହୁ ଶାନ୍ତିମନ୍ତ୍ର ପାଠ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାନେତ୍ରୀ ଝୁନୁବାଳା ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହିଳା ଶିକ୍ଷୟିତ୍ରୀଙ୍କୁ ନେଇ ଆଲୋଚନାଚକ୍ର ଗୁଞ୍ଜିମନ୍ତ ହୋଇଥିବାବେଳେ ଏହା ଦେଇଥିଲା ନାରୀ ସଶକ୍ତୀକରଣର ବାର୍ତ୍ତା। ଏହାପରେ ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ଆଜୀବନ ସଦସ୍ୟ ତଥା ଶିକ୍ଷକ ନେତା ହୃଦାନନ୍ଦ ଦ୍ୱିବେଦୀ, ପ୍ରକୃତିବନ୍ଧୁ ହରିହର ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ କୃସିଦା ବେଗମ୍, ବରିଷ୍ଠ ସଦସ୍ୟ ଶଙ୍କର୍ଷଣ ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିତେନ୍ଦ୍ର କୁମାର ପରିଡ଼ା, ସଦାନନ୍ଦ ରାଉତ, ନିରଞ୍ଜନ ସାହୁ, ପଣ୍ଡିତ ବିପିନ ବିହାରୀ ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ।

# 'ନିଜକୁ ନିୟନ୍ତ୍ରଣ କର, ନିଶାଠାରୁ ଦୂରେଇ ରୁହ'

- ନୈତିକ ଶିକ୍ଷାଦାନ ଲାଗି ଆଗେଇ ଆସିବାକୁ ଆହ୍ୱାନ
- ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ

ଢେଙ୍କାନାଳ ଅଫିସ୍, ୨୬।୬

ଢେଙ୍କାନାଳ ଜିଲା ଅବକାରୀ ବିଭାଗ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ରବିବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ନିରୋଧୀ ଦିବସ ପାଳିତ ହୋଇଯାଇଛି। ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଯୁବପିଢ଼ି ନିଜକୁ ନିୟନ୍ତ୍ରଣ କରି ନିଶାଠାରୁ ଦୂରେଇ ରହିବାକୁ ନିବେଦନ କରିଥିଲେ। ଏହାଦ୍ୱାରା ସମାଜ ସୁରକ୍ଷିତ ଏବଂ ଶୃଙ୍ଖଳିତ ହେବ। ଶିକ୍ଷାବିତ୍, ଅଭିଭାବକ, ବୁଦ୍ଧିଜୀବୀମାନେ ସ୍ୱତଃପ୍ରବୃତ୍ତ ଭାବେ ଛାତ୍ର ସମାଜକୁ ନୈତିକ ଶିକ୍ଷାଦାନ କରିବା ଲାଗି ଆଗେଇ ଆସିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ପ୍ରତିସ୍କୁଲରେ ନୈତିକ ଶିକ୍ଷାଦାନ କରାଯିବ। ଏଥିଲାଗି ସ୍ୱତନ୍ତ୍ର ଭାବେ ଗୋଟିଏ ପିରିୟଡ଼ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ନିଶାସେବନର ଅପକାରିତା ଏବଂ ସମାଜରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଗ୍ରସର ହେବା, ପରିବାର ଓ ସମାଜର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ସେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲାରେ ଅବୈଧ ନିଶାଦ୍ରବ୍ୟ ଚାଲାଣ ରୋକିବା ଲାଗି ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଥିଲେ। ବ୍ରହ୍ମାକୁମାରୀ ଉଷା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଦେବରାଜ ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ଅବକାରୀ ବିଭାଗ ଉପଅଧିକ୍ଷକ ସୀତାରାଣୀ ପଟ୍ଟାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ କରିବା ଲାଗି ସବୁସ୍ତରରେ ପ୍ରୟାସ କରାଯିବା ଜରୁରୀ ବୋଲି କହିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ ସ୍ୱାଗତ ଭାଷଣ, 'ଐରା' ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ମିନି ଷ୍ଟାଡିୟମ୍‌ରୁ ବାହାରି ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଯାଇଥିଲା। 'ଐରା' ଅନୁଷ୍ଠାନ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ନିଶାସେବନ ପରିତ୍ୟାଗ କରିଥିବା ରତିଲାଲ ପଟେଲ ଏବଂ ଗିରିଶ ନାଏକଙ୍କୁ ସମ୍ମାନିତ କରାଯାଇଥିଲା।



ନିଶା ନିବାରଣ ସମ୍ପର୍କିତ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରୁଛି।

ଧରିତ୍ରୀ
DHARITRI
ସୋମବାର, ୨୭ ଜୁନ୍, ୨୦୨୨



## ସଂକ୍ଷେପରେ

### ହିନ୍ଦୋଳ ରୋଡ୍ ବଜାର ପରିଚାଳନା କମିଟି ଗଠିତ

**ସାତମାଇଲ, ୨୬।୬(ଡି.ଏନ୍.ଏ.):** ହିନ୍ଦୋଳ ରୋଡ୍ ବଜାରର ନୂତନ କମିଟି ରବିବାର ଗଠିତ ହୋଇଛି। ମାଉସୀ ମା' ମନ୍ଦିର ପରିସରରେ ବଜାର ସଭାପତି ଅନନ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ଆୟବ୍ୟୟର ବିବରଣୀ ଉପସ୍ଥାପନ କରାଯାଇଥିଲା। ୩୦ ତାରିଖରେ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଏବଂ ରଥଯାତ୍ରାର ଶୃଙ୍ଖଳିତ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଗଠିତ କମିଟିରେ ସଭାପତି ଭାବେ ରବିନାରାୟଣ ବେହେରା, ଉପସଭାପତି ବିବେକାନନ୍ଦ କରଣ, ସମ୍ପାଦକ ରଣଜିତ୍ ନାୟକ, ସହସମ୍ପାଦକ ସରୋଜ କରଣ, ରଣେନ୍ଦ୍ର ପ୍ରତାପ ସାହୁ, କୋଷାଧ୍ୟକ୍ଷ ଦେବରାଜ ମୁଦ୍ରା ନିର୍ବାଚିତ ହୋଇଛନ୍ତି। ସେହିପରି ପରିଚାଳନା କମିଟିରେ ୧୫ଜଣଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି।

### ଗ୍ୟାସ୍ ସିଲିଣ୍ଡରରେ ଅଗ୍ନିକାଣ୍ଡ



**ଭୁବନ, ୨୬।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ଓଝା ସାହିର ସଲି ଓଝାଙ୍କ ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡରରେ ରବିବାର ଅଗ୍ନିକାଣ୍ଡ ଘଟିଛି। ତେବେ ପରିବାର ଲୋକେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରୋଷେଇ ଚାଲିଥିବାବେଳେ ବୈଷୟିକ ତ୍ରୁଟିରୁ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ତେବେ ପରିବାର ଲୋକେ ଉପସ୍ଥିତ ବୁଦ୍ଧି ଖଟାଇ ସିଲିଣ୍ଡରକୁ ଘରୁ ବାହାରକୁ ଆଣି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର ଦୁର୍ଘଟଣାକୁ ଟାଳି ଦିଆଯାଇଛି।

### ୭ ଜୋନ୍‌ର ଫଳାଫଳ ଘୋଷିତ

**ଭୁବନ, ୨୬।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅଧୀନ ୧୦ ସେବା ସମବାୟ ସମିତିର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫ ଜୋନ୍ ମଧ୍ୟରୁ ପୂର୍ବରୁ ୮ଟି ଜୋନ୍‌ର ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୭ ଜୋନ୍ ଲାଗି ମତଗ୍ରହଣ କରାଯାଇଥିଲା। ୧ନଂ. ଜୋନ୍‌ର ନକୁଳ ସ୍ୱାଇଁ, ୨ନଂ. ଜୋନ୍‌ର ଗଣେଶ୍ୱର ସ୍ୱାଇଁ, ୪ନଂ. ଜୋନ୍‌ର ପିଣ୍ଟୁ ରାଉତ, ୫ନଂ. ଜୋନ୍‌ର ରଞ୍ଜନ ବେହେରା, ୮ନଂ. ଜୋନ୍‌ର ଗୀତାଞ୍ଜଳି ରାଉତ, ୧୦ନଂ. ଜୋନ୍‌ର ପ୍ରଭାତ ଧୀର ଏବଂ ୧୩ନଂ. ଜୋନ୍‌ର ଦୈତାରୀ ସ୍ୱାଇଁ ବିଜୟୀ ହୋଇଛନ୍ତି। ପଙ୍କଜ ଲୋଚନ ମହାଲିକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ସାପ କାମୁଡ଼ିଲେ ସଙ୍କଟ

- ଭେଟେରିନାରିକୁ ମିଳୁନି ପ୍ରତିଷେଧକ ଇଞ୍ଜେକ୍ସନ
- କଷ୍ଟସାଧ ହେଉଛି ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା
- ଟୁଇଟ୍ କରି ରାଜ୍ୟ ସରକାରଙ୍କୁ ଜଣାଇଲେ ଶୁଭ୍ରାଂଶୁ

**ଢେଙ୍କାନାଳ ଅଫିସ୍, ୨୬।୬**

ପାଟି ଫିଟେନି ବୋଲି ସେମାନେ ମଣିଷ ଭଳି ବ୍ୟକ୍ତ କରିପାରନ୍ତି ନାହିଁ ଭାବ। ଶରୀର ଅସୁସ୍ଥ ହେଲେ ଯନ୍ତ୍ରଣାରେ ଛଟପଟ ହୁଅନ୍ତି। ଯଦି ଠିକ୍ ସମୟରେ ରୋଗ ଚିହ୍ନଟ ସହ ଚିକିତ୍ସା ସୁବିଧା ମିଳେ, ତେବେ ଆରୋଗ୍ୟ ହୁଅନ୍ତି। ଏଥିରେ ସାମାନ୍ୟ ଏପଟ ସେପଟ ହେଲେ ଆଖିବୁଜନ୍ତି। ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କ୍ଷେତ୍ରରେ ଏହା ହେଉଛି ସାଧାରଣ କଥା। ହେଲେ ଘରର ପୋଷାପ୍ରାଣୀ ଯେତେବେଳେ ସାପ କାମୁଡ଼ାର ଶିକାର ହୁଏ, ସେତେବେଳେ ମାଲିକଙ୍କ ମୁଣ୍ଡରେ ପଡ଼େ ଚଡ଼କ। ନିଜର ପ୍ରିୟ ପାଳିତ ଜୀବକୁ ବଞ୍ଚାଇବା ଲାଗି ସେ ଯଥାସାଧ ଉଦ୍ୟମ କରନ୍ତି। ହେଲେ ଠିକ୍ ସମୟରେ ସାପ କାମୁଡ଼ା ଇଞ୍ଜେକ୍ସନ୍‌ଟିଏ ଯୋଗାଡ଼ କରିବା ଅଧିକାଂଶ ସମୟରେ କଷ୍ଟକର ହୋଇପଡ଼େ। କାରଣ ରାଜ୍ୟ ସରକାର ପ୍ରାଣୀଧନ ଚିକିତ୍ସାକେନ୍ଦ୍ର (ଭେଟେରିନାରି)କୁ ସାପ କାମୁଡ଼ା ଇଞ୍ଜେକ୍ସନ ଯୋଗାଣ କରିବାକୁ କୌଣସି ଯୋଜନା କରିନାହାନ୍ତି। ଫଳରେ ସାପ କାମୁଡ଼ାର ଶିକାର ହେଲେ ଗୃହପାଳିତ ପ୍ରାଣୀଙ୍କ ଜୀବନ ସଙ୍କଟରେ ପଡୁଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲାର ଚାଷୀ ଏବଂ ବୁଦ୍ଧିଜୀବୀ। ଏହାର ପ୍ରତିକାର କରିବାକୁ ସହରର ସଚେତନ ଯୁବକ ଶୁଭ୍ରାଂଶୁ ରଞ୍ଜନ ମହାନ୍ତି ଟୁଇଟ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାରମ୍ବାର ଦାବିସତ୍ତ୍ୱେ




ଶୁଭ୍ରାଂଶୁ କରିଥିବା ଟୁଇଟ୍।

ପ୍ରାଣୀ ଚିକିତ୍ସା ବିଭାଗକୁ ସରକାର ଜରୁରିକାଳୀନ ସ୍ୱାସ୍ଥ୍ୟ ସେବାସଂସ୍ଥା ଭାବେ ଘୋଷଣା କରାଯାଉନାହିଁ। ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବିଭାଗର ଜଣେ କର୍ମଚାରୀ ନାମ ପ୍ରକାଶ ନ କରି କହିଛନ୍ତି।

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା, ଚିକିତ୍ସା ସେବା ଯୋଗାଇଦେବା, ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ୍ ରଖିବାକୁ ସରକାର ଗୁରୁତ୍ୱାରୋପ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନ ସର୍ବଦା ପ୍ରସ୍ତୁତ ବୋଲି ଦୃଢ଼ୋକ୍ତି ପ୍ରକାଶ କରନ୍ତି ଅଧିକାରୀ। ହେଲେ ଏହା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ଢେଙ୍କାନାଳ ଜିଲାରେ ଗୃହପାଳିତ ପ୍ରାଣୀଙ୍କ ଲାଗି ସାପକାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ନ ହେବା ଏହାର ଏକ ଉଦାହରଣ। କେବଳ ଢେଙ୍କାନାଳରେ ନୁହେଁ, ସାରା ରାଜ୍ୟରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି।

ସାଧାରଣତଃ ବର୍ଷାଦିନେ ବିଷାକ୍ତ ସାପଙ୍କ ପ୍ରାଦୁର୍ଭାବ ବଢ଼ିଥାଏ। ଗୁହାଳରେ ଗୋରୁ କିମ୍ବା ଘରେ ଥିବା ପୋଷା କୁକୁର ସାପ କାମୁଡ଼ାର ଶିକାର ହେଲେ ଜରୁରୀ ଚିକିତ୍ସା ଆବଶ୍ୟକ ପଡ଼େ। ଅନେକ ସମୟରେ ସେମାନଙ୍କ ଜୀବନ ରକ୍ଷା କରିବା ସମ୍ଭବପର ହୁଏନାହିଁ। ହେଲେ ଆବଶ୍ୟକ ଇଞ୍ଜେକ୍ସନ ଉପଲବ୍ଧ ହେଲେ ସେମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଯାଇପାରିବ। ତେବେ ସରକାରୀସ୍ତରରେ ସାପ କାମୁଡ଼ା ପ୍ରତିଷେଧକ ଇଞ୍ଜେକ୍ସନ ଯୋଗାଣ ହେଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଗତ ଶନିବାର ସହରରେ ଏଭଳି ଏକ ଘଟଣା ଘଟିଥିଲା। ଶୁଭ୍ରାଂଶୁଙ୍କ ପୋଷା କୁକୁରକୁ ଏକ ନାଗ ସାପ କାମୁଡ଼ି ଦେଇଥିଲା। ଏହାପରେ ସେ କୁକୁରକୁ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ତେବେ ଗୃହପାଳିତ ପ୍ରାଣୀଙ୍କ ପାଇଁ ସରକାର ସାପକାମୁଡ଼ା ଇଞ୍ଜେକ୍ସନ ଯୋଗାଉ ନ ଥିବା ଡାକ୍ତର କହିବା ପରେ ତାଙ୍କ ଚିନ୍ତା ବଢ଼ିଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ମଣିଷଙ୍କୁ ଦିଆଯାଉଥିବା ସାପ କାମୁଡ଼ା ଇଞ୍ଜେକ୍ସନ ଆଣିବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। ତେବେ କେବଳ ମଣିଷଙ୍କ କ୍ଷେତ୍ରରେ ବ୍ୟବହାର ପାଇଁ ଯୋଗାଣ ହେଉଥିବା ଏହି ଇଞ୍ଜେକ୍ସନ ଦେବାକୁ ଚିକିତ୍ସାଳୟର ପଦସ୍ଥ ଅଧିକାରୀ ବାରଣ କରିଥିଲେ। ଫଳରେ ଶୁଭ୍ରାଂଶୁଙ୍କୁ ଜିଲା ଚିକିତ୍ସାଳୟକୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ବେସରକାରୀ ଭାବେ ଏକ ସଂସ୍ଥାରୁ ଇଞ୍ଜେକ୍ସନ ଯୋଗାଡ଼ କରିବା ପରେ କୁକୁର ଜୀବନ ରକ୍ଷା ହୋଇଥିଲା। ଏହାକୁ ନେଇ ସେ ଉଦ୍‌ବେଗ ବ୍ୟକ୍ତ କରିବା ସହ ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗ ଉପନିର୍ଦ୍ଦେଶକ ଏଲ୍.ଏନ୍. ନନ୍ଦ କୁହନ୍ତି, ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ସାପ କାମୁଡ଼ା ଇଞ୍ଜେକ୍ସନ ଯୋଗାଣ ହେଉନାହିଁ। ଶନିବାର ବିଳମ୍ବିତ ରାତିରେ ଏହି କାରଣରୁ ଏକ ପୋଷା କୁକୁରର ଜୀବନ ସଙ୍କଟରେ ପଡ଼ିଥିଲା। ବହୁ କଷ୍ଟରେ ବାହାରୁ ଇଞ୍ଜେକ୍ସନ ଯୋଗାଡ଼ କରିବା ପରେ କୁକୁରଟିର ଜୀବନ ରକ୍ଷା କରାଯାଇପାରିଥିବା ସେ କହିଛନ୍ତି।

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ




ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ।

## ଗଁଦିଆ ସରକାରୀ ହାଇସ୍କୁଲ

**ଢେଙ୍କାନାଳ ଅଫିସ୍, ୨୬।୬**

ଢେଙ୍କାନାଳ ଜିଲା ଗଁଦିଆ ସରକାରୀ ହାଇସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ଦେଖାଦେଇଛି। ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

୧୯୬୨ରୁ ସ୍ଥାପିତ ଏହି ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଏବେ ଏଠାରେ ୪୪୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛି। ତେବେ ୧୨ ଜଣ ଶିକ୍ଷକଙ୍କ ସ୍ଥାନରେ ୮ଜଣ ଥିବାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟର ପାଠ୍ୟକ୍ରମ ଶେଷ ହୋଇପାରୁ ନାହିଁ। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ସରକାରଙ୍କ '୫-ଟି' ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଏଭଳି ସମସ୍ୟାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଏ ନେଇ ପ୍ରଧାନ ଶିକ୍ଷକ ମୁରଲୀଧର ସାହୁ କୁହନ୍ତି, ଶିକ୍ଷକ ପଦବୀ ପୂରଣ କରିବା ଲାଗି ଅଭିଭାବକମାନେ ବାରମ୍ବାର ଦାବି କରୁଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ସୋମବାର ପୁନର୍ବାର ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

# କଂକ୍ରିଟ୍ ରୋଡ୍ କାମ ନିମ୍ନମାନର

- ନିର୍ଦ୍ଦେଶ ନ ଥିବା କମ୍ପାନୀର ସିମେଣ୍ଟ ବ୍ୟବହାର ହେଉଛି
- କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ ନିର୍ବାହୀ ଅଧିକାରୀ

**ଢେଙ୍କାନାଳ ଅଫିସ, ୨୬।୬**

ଢେଙ୍କାନାଳ ପୌରାଞ୍ଚଳ ୬ନଂ. ୱାର୍ଡ ଅନ୍ତର୍ଗତ ବଳରାମ ମନ୍ଦିର ନିକଟରେ ଚାଲିଥିବା କଂକ୍ରିଟ୍ ରୋଡ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବଳରାମ ମନ୍ଦିର ନିକଟରେ ୭୦ ମିଟର କଂକ୍ରିଟ୍ ରାସ୍ତା ସମେତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଲାଗି ୧ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ତେବେ ପୌରସଂସ୍ଥାର ନିର୍ଦ୍ଦେଶକୁ ଫୁଁ କରି ଅନ୍ୟ ଏକ କମ୍ପାନୀର ସିମେଣ୍ଟ ବ୍ୟବହାର କରାଯାଉଛି। ପୌରସଂସ୍ଥାର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏଭଳି ଅନିୟମିତତା ହେଉଥିବା ବେଳେ ଏହାର ପ୍ରତିବାଦ କରିଥିଲେ ଅଞ୍ଚଳବାସୀ। ଅନ୍ୟପଟେ ଅଭିଯୋଗ ପାଇବା ପରେ ପୌର ନିର୍ବାହୀ ଅଧିକାରୀ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ବେଖାତିର କରି ପୌରଯନ୍ତ୍ରୀ ଏବଂ ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା, ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଘଟଣା ପ୍ରଘଟ ପରେ ପୌରସଂସ୍ଥା ପକ୍ଷରୁ ଧାର୍ଯ୍ୟ ସିମେଣ୍ଟ ଅଣାଯାଇ କାମ କରାଯାଇଥିବା ଦୃଷ୍ଟିଗୋଚର ହୋଇଛି।



ବଳରାମ ମନ୍ଦିର ନିକଟରେ ରାସ୍ତା କାମ ଚାଲିଛି।

ଏ ନେଇ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ଅଭିଯୋଗ ମିଳିବାପରେ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ପ୍ରକଳ୍ପ ସମ୍ପର୍କିତ ଫାଇଲ ମଗାଇ ଅନୁଧ୍ୟାନ କରାଯିବ। ନିର୍ମାଣ କାର୍ଯ୍ୟ ତଦାରଖ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ବସ୍ ଅଟକାଇ ଲୁଟ୍ ଉଦ୍ୟମ

**ଢେଙ୍କାନାଳ ଅଫିସ୍, ୨୬।୬**

ଢେଙ୍କାନାଳ ସଦର ଥାନା ମେଘା ସଂରକ୍ଷିତ ଜଙ୍ଗଲ ଦେଇ ଯାଇଥିବା ଢେଙ୍କାନାଳ-କପିଳାସ ରାସ୍ତାରେ ରବିବାର ରାତି ପ୍ରାୟ ୮ଟାରେ କେତେଜଣ ଦୁର୍ବୃତ୍ତ ଆତଙ୍କ ସୃଷ୍ଟି କରିଛନ୍ତି। ଏ ବସ୍‌କୁ ଅଟକାଇ ସେମାନେ ଲୁଟ୍‌ପାଟ୍ ଉଦ୍ୟମ କରିଥିଲେ। ଏପରି କି ଯାତ୍ରୀଙ୍କୁ ୧୦ ହଜାର ଟଙ୍କା ଦେବା ଲାଗି ଧମକଚମକ ଦେଉଥିଲେ। ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡ୍ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଦୁର୍ବୃତ୍ତମାନେ ଆସିଥିବା କାର୍‌କୁ ପୋଲିସ ଜବତ କରିଛି। ସମ୍ପୃକ୍ତ ଯୁବକମାନେ କେନ୍ଦୁଝର ଜିଲା ଦୈତାରୀ ଅଞ୍ଚଳର। ସେମାନେ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନୁଗୋଳର କେତେଜଣ ଯାତ୍ରୀ ଯୋରନ୍ଦାରେ ଆୟୋଜିତ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଏହି ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସଂଘକୁ ମଜଭୁତ କରିବାକୁ ସଂକଳ୍ପ




**ଭୁବନ, ୨୬।୬(ଡି.ଏନ.ଏ.)**

ଭୁବନ ବ୍ଲକ ମୃଦଙ୍ଗା ଗୋଠପାଟଣା ପଡ଼ିଆରେ ରବିବାର ଓଡ଼ିଶା ଡ୍ରାଇଭର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ସଂଘ ସଭାପତି ନରୋତ୍ତମ ବେହେରାଙ୍କ ସଭାପତିତ୍ୱରେ ଅତିଥି ଭାବେ ରାଜ୍ୟ ସଭାପତି ଅଜୟ ମେଣ୍ଡୁଲି, ଉପସଭାପତି ସୁମନ ଆଲଟିଆ, ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ପ୍ରମୁଖ ଯୋଗଦେଇ ସରକାର ଡ୍ରାଇଭର ସଂଘର ଦାବି ପୂରଣ କରିବାକୁ ଦାବି କରିଥିଲେ।

ଗଁଦିଆର ବାଦଲ ମଳିକ, ଓଡ଼ାପଡ଼ାର ଦିଲୀପ ସିଂ, ହିନ୍ଦୋଳର ବିକାଶ ରାଉତ, କାମାକ୍ଷାନଗରର ବିକାଶ ମଲ୍ଲିକ, ପରଜଙ୍ଗର ନରେଶ ଭୂତିଆ, କଙ୍କଡ଼ାହାଡ଼ର ଚତୁର୍ଭୁଜ ମହନ୍ତ, ସଦର ବ୍ଲକର ଟିଙ୍କିନା ବେହେରା, ଭୁବନର ବାବୁଲି ସାହୁ ପ୍ରମୁଖ ଶତାଧିକ ଡ୍ରାଇଭର ଦାବି ପୂରଣରେ ସରକାରଙ୍କ ଉଦାସୀନତାକୁ ନିନ୍ଦା କରିଥିଲେ। ଡ୍ରାଇଭର ମହାସଂଘକୁ ଆହୁରି ମଜଭୁତ୍ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ।

# ମିଳିଲା ସମାନ ଭୋଟ, ୨ ଗୋଷ୍ଠୀ ମୁହାଁମୁହିଁ

## ବାରୁଆଁ(ଖ) ସମବାୟ ନିର୍ବାଚନ ବେଳେ ଉତ୍ତେଜନା

**ଭୁବନ, ୨୬।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆଁ (ଖ) ସମବାୟ ସମିତି ନିର୍ବାଚନ ରୋଚକମୋଡ଼ରେ ପହଞ୍ଚିଛି। ରବିବାର ନିର୍ଦ୍ଦେଶକ ପଦବୀ ଲାଗି ମତଦାନ ଅନୁଷ୍ଠିତ ହୋଇଥିବାବେଳେ ଦୁଇ ପ୍ରାର୍ଥୀ ସଞ୍ଜୟ ଦାସ ଏବଂ ପ୍ରମୋଦ କୁମାର ୧୦ ଖଣ୍ଡ ଲେଖାଏ ଭୋଟ ପାଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ବଢ଼ି ବଚସା ଯାଏ କଥା ଯାଇଥିଲା। ପୋଲିସ ଉପସ୍ଥିତିରେ ଦୁଇ ପକ୍ଷ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ ପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କାମାକ୍ଷାନଗର ଉପଖଣ୍ଡ ଏଆର୍‌ସିଏସ୍ ଅନିଲ ରଥ ପହଞ୍ଚି ଧର୍ମଗୁଳା ମାଧ୍ୟମରେ ଫଳାଫଳ ନିର୍ଣ୍ଣୟ କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ କେହି ରାଜି ହୋଇ ନ ଥିଲେ। କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ଏଆର୍‌ସିଏସ୍ ବାଲଟ୍ ବକ୍ସକୁ ନିଜ କାର୍ଯ୍ୟାଳୟକୁ ନେଇଯାଇଛନ୍ତି। ଉପଜିଲାପାଳଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୫ ଜୋନ୍ ବିଶିଷ୍ଟ ବାରୁଆଁ (ଖ) ସେବା ସମବାୟ ସମିତିର ୧୨ଟି ଜୋନ୍‌ର ନିର୍ଦ୍ଦେଶକମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୩ଟିରେ ରବିବାର ମତଦାନ ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଥମରୁ ବିଶୃଙ୍ଖଳା ସୃଷ୍ଟି ହେବାରୁ ଅନ୍ୟ ଦୁଇଟି ଜୋନ୍‌ର ମଧ୍ୟ ଭୋଟ ଗଣତି କରାଯାଇପାରିନାହିଁ।



ବାରୁଆଁ (ଖ) ସୋସାଇଟି ନିର୍ବାଚନରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଏଆର୍‌ସିଏସ୍ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

# ଡ୍ରାଇଭରଙ୍କ ମୃତ୍ୟୁରୁ ତୁମୁଳକାଣ୍ଡ

- ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ
- ମୃତଦେହ ରଖି ୧୦ ଘଣ୍ଟା ରାସ୍ତା ଅବରୋଧ
- ୱେବ୍ ମିଡିଆ ଖବରଦାତାଙ୍କ ନାମରେ ମାମଲା

**ହିନ୍ଦୋଳ, ୨୬।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ବନମାଳୀପୁର ଗ୍ରାମର ଡ୍ରାଇଭର ଦେବୀପ୍ରସାଦ ମୁଦୁଲିଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ରବିବାର ତୁମୁଳକାଣ୍ଡ ଘଟିଛି। ଜଣେ ୱେବ୍‌ମିଡ଼ିଆ ଖବରଦାତା ତାଙ୍କୁ ପିଟିପିଟି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ମୃତକଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ପୂର୍ବାହ୍ନ ୧୦ଟାରୁ ଦୀର୍ଘ ୧୦ଘଣ୍ଟା ଧରି ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ହିନ୍ଦୋଳରୁ ଅନୁଗୋଳ ଏବଂ ହିନ୍ଦୋଳରୁ ଗୁଡ଼ିଆକାଟେଣୀ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଦେବୀପ୍ରସାଦ ବ୍ୟକ୍ତିଗତ କାର୍ (ନଂ. ଓଡ଼ି ୦୫ ଏଏନ୍ ୪୨୨୫)ରେ ଏକ ଭଡ଼ା ସାରି ବନମାଳୀପୁରରୁ ହିନ୍ଦୋଳ ମେଡିକାଲକୁ ଯାଇଥିଲେ। ପାଟଣା ଗ୍ରାମ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଗୋଲାପ ମହମ୍ମଦଙ୍କ ଘର ଭିତରକୁ ପଶିଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ପରିବାର ଲୋକେ ଦେବୀପ୍ରସାଦଙ୍କୁ ଉଦ୍ଧାର କରି ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା କିମ୍ବା ଥାନାରେ ଏତଲା ଦିଆଯାଇପାରି ନ ଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ ସ୍ତ୍ରୀ ସୁଭଦ୍ରା ମୁଦୁଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଛନ୍ତି, ତାଙ୍କ ସ୍ୱାମୀଙ୍କୁ ସ୍ଥାନୀୟ ଜଣେ ୱେବ୍‌ମିଡିଆ ଖବରଦାତା ଏବଂ ଅନ୍ୟ କେତେଜଣ ପିଟିପିଟି ହତ୍ୟା କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ହିନ୍ଦୋଳ ଥାନାରେ ନଂ. ୧୦୮/୨୨, ଦଫା ୩୦୨, ୩୪ରେ ମାମଲା ରୁଜୁ କରାଯାଇଛି। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ଏହାର ପ୍ରତିବାଦରେ ମୃତକଙ୍କ ପରିବାର ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଗଜାନନ ପ୍ରଧାନ, ଏସ୍‌ଡିପିଓ ଅଞ୍ଜନା ଟୁଡୁ, ଥାନାଧିକାରୀ ଚାରୁଲତା ବେହେରା ପ୍ରମୁଖ ପୋଲିସ ଫୋର୍ସ ସହିତ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ତଦନ୍ତରୁ ଅଭିଯୋଗ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୮ଟାରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ଦେବୀପ୍ରସାଦ ଦେଢ଼ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ବର୍ଷକର ଏକ ସନ୍ତାନ ଅଛି। ଘରର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ତାଙ୍କର ଏଭଳି ସନ୍ଦେହଜନକ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।



ଉତ୍ତ୍ୟକ୍ତ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### କଣିହାଁରେ ସମବାୟ ସମିତି ନିର୍ବାଚନ

**କଣିହାଁ,୨୬।୬(ଡି.ଏନ.ଏ.):** କଣିହାଁ ବ୍ଲକର ବିଭିନ୍ନ ସମବାୟ ସମିତିରେ ନିର୍ଦ୍ଦେଶକ ନିର୍ବାଚନ ରବିବାର ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବୁରୁଜୁନା ସମବାୟ ସମିତିରେ ୯ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପରାବିଲ ସମବାୟ ସମିତିର ୯ ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ଥିବାବେଳେ ବଳକା ୬ ଆସନ ପାଇଁ ନିର୍ବାଚନ ଶେଷ ହୋଇଥିଲା। ସମଲ ସମିତିରେ ୭ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱ ଥିବାବେଳେ ୮ ଆସନ ପାଇଁ ନିର୍ବାଚନ ହୋଇଥିଲା। ଗଣ୍ଡମାଳା ସମିତିରେ ୩ ପାର୍ଥୀ ନିର୍ଦ୍ୱନ୍ଦ୍ୱ ଥିବାବେଳେ ୧୨ ଆସନ ପାଇଁ ନିର୍ବାଚନ ହୋଇଥିଲା। ଆଉ କିଛିଦିନ ପରେ ନିର୍ବାଚିତ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ସଭାପତି ପଦ ନିମନ୍ତେ ନିର୍ବାଚନ ହେବାକୁ ଥିବାବେଳେ ଆଶାୟୀମାନେ ସମର୍ଥନ ଜୁଟାଇବାରେ ଜୋରସୋରରେ ଲାଗି ପଡ଼ିଥିବା ଜଣାପଡ଼ିଛି।

### ବୟସ ଯାଞ୍ଚ କରି ଫେରିଲା ପୋଲିସ

**ଅନୁଗୋଳ ଅଫିସ, ୨୬।୬:** ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ରବିବାର ଏକ ବିବାହ ଉତ୍ସବ ଚାଲିଥିଲା। କିନ୍ତୁ ଜଣେ ନାବାଳିକାଙ୍କ ବିବାହ କରାଯାଉଥିବା ନେଇ ଅନୁଗୋଳ ପୋଲିସକୁ ଫୋନ ଆସିଥିଲା। ଖବରପାଇ ପୋଲିସ ତୁରନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ତେବେ ସେଠାରେ ନାବାଳିକା ନୁହେଁ, ସାବାଳିକା ବିବାହ ଚାଲିଥିବା ଯାଞ୍ଚ ବେଳେ ପୋଲିସ ଜାଣିବାକୁ ପାଇଥିଲା। ଏପରି କି କନ୍ୟା ଚାପରେ ନୁହେଁ ନିଜ ଇଚ୍ଛାରେ ବିବାହ କରୁଥିବା ଜାଣିବା ପରେ ପୋଲିସ ସେଠାରୁ ଫେରିଆସିଥିଲା।

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୨୬।୬(ସ୍ୱ.ପ୍ର):** ଅନୁଗୋଳ ଜିଲା ନିଶା ଇଣ୍ଡଷ୍ଟ୍ରିଆଲ୍ ଥାନା ରାଇଝରଣ ସ୍କୁଲ ଛକ ନିକଟରେ ରବିବାର ଏକ ଟ୍ରକ୍ ପଛରେ ମୋଟରସାଇକେଲ ପିଟି ହୋଇଯିବାରୁ ମୋଟରସାଇକେଲରେ ବସିଥିବା ମାନସ ଦେହୁରୀ ଓ ନିର୍ମଳ ଦେହୁରୀ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ସନ୍ଧ୍ୟା ସମୟରେ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ରାଇଝରଣ ସ୍କୁଲ ଛକ ନିକଟରେ କୋଇଲା ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ବେଳେ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ୨ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମାନସ ଦେହୁରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଓଲଟିଲା କୋଇଲା ଟ୍ରକ୍

**ଛେଣ୍ଡିପଦା,୨୬।୬(ସ୍ୱ.ପ୍ର):** ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କୁଦୁଅପାଳ ଛକ ନିକଟରେ ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ଟ୍ରକ୍ ୧୫ ଫୁଟ୍ ତଳକୁ ଓଲଟିପଡିଛି। ଏଥିରେ ଚାଳକ ଓ ଖଲାସୀ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ତାଳଚେରରୁ ଝାରସୁଗୁଡା ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ କୁଦୁଅପାଳ ଛକ ନିକଟରେ ଭାରସାମ୍ୟ ହରାଇ ରାଜପଥର ୧୫ ଫୁଟ୍ ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକମାନେ ଚାଳକ ଓ ଖଲାସୀଙ୍କୁ ଉଦ୍ଧାର କରି କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ଶୋଷରେ ରହୁଛନ୍ତି ଶିକ୍ଷାର୍ଥୀ



**ବଇଣ୍ଡା,୨୬।୬(ଡି.ଏନ.ଏ.)**

- ସମସ୍ୟା ଘେରରେ ଅଙ୍ଗପଡ଼ା ତୁରୁଡ଼ା ଉ.ପ୍ରା. ବିଦ୍ୟାଳୟ
- ବିପଦସଙ୍କୁଳ ଗୃହରେ ବସୁଛନ୍ତି ଛାତ୍ରୀଛାତ୍ର
- ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ବଢ଼ୁଛି ଅସନ୍ତୋଷ

ଶହେ ବର୍ଷର ଶିକ୍ଷାନୁଷ୍ଠାନ। ହେଲେ ଏଠି ଦୃଶ୍ୟମାନ ହେଉନି ବିକାଶର ଛବି। ଗୁଣାତ୍ମକ ଶିକ୍ଷା ତ ଦୂରର କଥା, ଏଯାଏ ଦୃଢ଼ ହୋଇପାରିନି ଦୁର୍ବଳ ଭିତ୍ତିଭୂମି। ଏହି କାରଣରୁ ବିପଦସଙ୍କୁଳ ଗୃହରେ ବସୁଛନ୍ତି ଛାତ୍ରୀଛାତ୍ର। ଆବଶ୍ୟକ ଶୌଚାଳୟ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପ୍ରାୟ ୩ ଶହ ପିଲା। ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହେଉ ନ ଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଶୋଷରେ ରହୁଛନ୍ତି ଶିକ୍ଷାର୍ଥୀ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡା ତୁରୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତି ଏପରି ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପରିଚାଳନା କମିଟି ଓ ଅଭିଭାବକ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୦୩ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ବର୍ତ୍ତମାନ ୨୯୩ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରୁଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ୧୦ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯିବା କଥା। ହେଲେ ଗୋଟିଏ ଶିକ୍ଷକ ପଦବୀ ଏଠାରେ ଖାଲି ପଡ଼ିଛି। ୮ଟି ଶ୍ରେଣୀ ପାଇଁ ୮ କୋଠରି ଆବଶ୍ୟକ ଥିବାବେଳେ ୬ଟି ଶ୍ରେଣୀଗୃହରେ ଶିକ୍ଷାଦାନ କରାଯାଉଛି। ସେଥିରୁ ଗୋଟିଏ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସ୍କୁଲର ଅଫିସ ଗୃହ ମଧ୍ୟ ନାହିଁ। ପ୍ରାୟ ୩ ଶହ ଛାତ୍ରୀଛାତ୍ର ଏଠାରେ ପଢ଼ୁଥିବାରୁ ୪ଟି ଶୌଚାଳୟ ଆବଶ୍ୟକ। କିନ୍ତୁ ଗୋଟିଏ ନିର୍ମାଣ କରି କର୍ତ୍ତୃପକ୍ଷ କାମ ଶେଷ କରି ଦେଇଛନ୍ତି। ଫଳରେ ଶୌଚ ପାଇଁ ଛାତ୍ରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ଏହି କାରଣରୁ ଛାତ୍ରୀଛାତ୍ରମାନେ ଅଧିକାଂଶ ସମୟରେ ଶୋଷରେ ରହିବାକୁ ବାଧ୍ୟ ହେଉଛନ୍ତି। ଏପରି କି ମଧ୍ୟାହ୍ନ ଭୋଜନ ପରେ ଥାଳି ଧୋଇବାକୁ ପାଣି ନ ଥିବାରୁ ସେମାନେ ନିକଟରେ ଥିବା ନଈ ତୁଠକୁ ଯାଉଛନ୍ତି। ଏହି ୧୧୯ ବର୍ଷର ସ୍କୁଲରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ବହୁବାର ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ବଳିଷ୍ଠ ଭିତ୍ତିଭୂମି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ଜବାହରଲାଲ ପ୍ରଧାନ କହିଛନ୍ତି, ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଛି। ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କୁହନ୍ତି, ଅଙ୍ଗପଡା ତୁରୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ।

**ଶିକ୍ଷା ବିଭାଗକୁ ଅବଗତ କରାଯିବ**



"ଏହି ପୁରାତନ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଥିବାରୁ ସେଗୁଡ଼ିକର ସମାଧାନ କିପରି କରାଯିବ ସେ ନେଇ ଶିକ୍ଷା ବିଭାଗକୁ ଅବଗତ କରାଯିବ। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଉ। ଛାତ୍ରୀଛାତ୍ରଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଉ।

-ଜିତେନ୍ଦ୍ର କୁମାର ସାହୁ, ଅଙ୍ଗପଡା ସରପଞ୍ଚ

**ବିପଦସଙ୍କୁଳ ଘରେ ବସୁଛନ୍ତି**



"ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ବିପଦସଙ୍କୁଳ ଘରେ ବସି ପଢୁଛନ୍ତି। ଅଷ୍ଟମ ଶ୍ରେଣୀ ଥିଲେ ମଧ୍ୟ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯାଉନାହିଁ।

-ସତିଶ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି

**ଅଭିଯୋଗ ସତ୍ତ୍ୱେ ସମାଧାନ ନାହିଁ**



"ବିଦ୍ୟାଳୟରେ ଆବଶ୍ୟକ ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ସରକାରୀ କ୍ଷେତ୍ରରେ ଅବହେଳା କାରଣରୁ ଏହି ଶିକ୍ଷାନୁଷ୍ଠାନର ବିକାଶ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସମାଧାନ କରାଯାଉନାହିଁ।

- ବିକାଶ ସାହୁ, ତୁରୁଡ଼ା

# 'ତାଳଚେରର ମୁରବି ଥିଲେ ଦିବାକର'




ବଡ଼ ବଜାରସ୍ଥିତ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଅନ୍ୟମାନେ।

**ତାଳଚେର,୨୬।୬(ନି.ପ୍ର.)**

ସାଲିସ୍ ବିହୀନ ସାମ୍ବାଦିକତା, ସ୍ପଷ୍ଟବାଦିତା ଓ ନିର୍ଭିକତା ପାଇଁ ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ର ପରିଚିତ ଥିଲେ। ତାଳଚେରର ଜଣେ ମୁରବି ଥିବା ହେତୁ ତାଙ୍କର ଅନୁପସ୍ଥିତତା ସମଗ୍ର ସହରବାସୀ ଅଙ୍ଗେ ନିଭାଉଛନ୍ତି ବୋଲି ସ୍ୱର୍ଗତ ମିଶ୍ରଙ୍କ ୧୦୭ ତମ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍ପି ମହେଶ ସାହୁ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍ପି ରବିନାରାୟଣ ପାଣି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଜଣେ ଦରଦୀ ମଣିଷ ବୋଲି ଅଭିହିତ କରିଥିଲେ। ତାଳଚେର ସହରର ବଡ଼ ବଜାରସ୍ଥିତ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପୂର୍ବତନ ନଗରପାଳ କେଶବ ଭୂତିଆ, ବିଜେଡି ଜିଲା କୋଷାଧ୍ୟକ୍ଷ ବାନାମ୍ବର ଭୂତିଆ, କାଉନସିଲର ଆସିଫ୍ ଖାନ୍, ଯଶୋବନ୍ତ ମିଶ୍ର, ସନ୍ତୋଷ କୁମାର ବେହେରା, ସଞ୍ଜୀବ ବେହେରା, ଭାଜପା ଜିଲା ସମ୍ପାଦକ ପ୍ରକାଶ ମହାରଣା, କଂଗ୍ରେସ ସେବା ଦଳ ସଭାପତି ସୌମ୍ୟସଞ୍ଜୀବ ମିଶ୍ର, ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ତାଳଚେରପୌର ପରିଷଦ ପକ୍ଷରୁ ଏସ୍. ଆଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସିଟିଜେନ ଫୋରମ ସଂଯୋଜକ ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତାଳଚେର ପ୍ରେସ୍ କ୍ଲବ୍ ଠାରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବିଜୟ କୁମାର ଦେବତା, ଦୀପକ କୁମାର ପ୍ରଧାନ, ଗିରିଶ ଚନ୍ଦ୍ର ସାମଲ, ପ୍ରିୟମାଧବ ଦାସ, ଆଇନଜୀବୀ ବାଉରୀବନ୍ଧୁ ବେଜ, କରୁଣାକର ବାଇ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ସୁନୀଲ ସିଂହ, ମଦନ ମୋହନ ସାହୁ, ଶୀତଳକୃଷ୍ଣ ପଟ୍ଟନାୟକ, ପ୍ରକାଶ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଉଚ୍ଛେଦ ହେଲା ଫଳ ଦୋକାନ



ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

**ଅନୁଗୋଳ ଅଫିସ, ୨୬।୬**

ଅନୁଗୋଳ ବୁଢ଼ୀ ଠାକୁରାଣୀ ଛକରେ ରବିବାର ପୂର୍ବାହ୍ନରେ ଏକ ଫଳ ଦୋକାନ ଉଚ୍ଛେଦ ହୋଇଛି। ଏଥିସହ ଏକ ବିଶ୍ରାମାଗାରକୁ ମଧ୍ୟ ଉଚ୍ଛେଦ କରାଯାଇଛି। ତେବେ ଫଳ ଦୋକାନ ଉଚ୍ଛେଦ ବେଳେ ଦୋକାନୀ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଜଣେ ବ୍ୟକ୍ତି ତାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ନେଇ ଏଠାରେ ବ୍ୟବସାୟ କରିବାକୁ ଅନୁମତି ଦେଇଥିଲେ। ଏପରି କି ଆଗାମୀ ଦିନରେ ପୌର ପରିଷଦ ପକ୍ଷରୁ ଏଠାରେ ଏକ ଆପଲ(ସେଓ) ଆକୃତିର ମଡେଲ କରାଯିବ ବୋଲି କହିଥିଲେ। ଏହି ମଡେଲ ଭିତରେ ଫଳ ବ୍ୟବସାୟ ହେବ ବୋଲି ତାଙ୍କୁ ଆଶ୍ୱାସନା ଦେଇଥିଲେ। ତାଙ୍କ କଥାରେ ପଡ଼ି ଏତେ ଟଙ୍କା ଦେଇ ସେ ବ୍ୟବସାୟ କରୁଥିବା ଦୋକାନୀ ଜଣକ ଅଭିଯୋଗ କରିଥିଲେ। ତେବେ ଉଚ୍ଛେଦ ସମୟରେ ସମ୍ପୃକ୍ତ ବ୍ୟକ୍ତି ଆସିଥିଲେ ମଧ୍ୟ ଟଙ୍କା କଥା ପଡ଼ିବାରୁ ସେ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଜବରଦଖଲରେ ଦୋକାନା ଥିଲା। ଏବେ ରାସ୍ତା ଚଉଡା କରାଯିବ। ତେଣୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ତେବେ ଟଙ୍କା ନେଣଦେଣ କଥା ଆମେ କିଛି ଜାଣି ନାହୁଁ। ପୌରପାଳିକା ପକ୍ଷରୁ ସେଭଳି କିଛି ଯୋଜନା ନ ଥିଲା ବୋଲି ନିର୍ବାହୀ ଅଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି।

# ୩ ନିର୍ଦ୍ୱନ୍ଦ୍ୱ, ୧୧ ଜୋନ୍‌ରେ ଭୋଟ

**ଆଠମଲ୍ଲିକ,୨୬।୬(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ବଘୁଆକଟା ସେବା ସମବାୟ ସମିତି ଲିଃରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୧୫ଟି ଜୋନ୍ ମଧ୍ୟରୁ ୩ଟିରେ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ରବିବାର ୧୧ଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୨ ନମ୍ବର ଜୋନ୍‌ରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ସମିତି ସମ୍ପାଦକ ନବୀନ ବେହେରାମାଳୀ ସୂଚନା ଦେଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ଦ୍ଦେଶକମାନେ ହେଲେ ହରିପ୍ରିୟା ବଘାର, ପଦ୍ମିନୀ ଦେହୁରୀ ଓ ସୁବର୍ଣ୍ଣ କଅଁର। ସେହିପରି ପ୍ରତିଦ୍ୱନ୍ଦ୍ୱିତା କରି ଶଶୀଭୂଷଣ ଦେହୁରୀ, ସଞ୍ଜୟ ନାୟକ, ଶରତ ଚନ୍ଦ୍ର କର୍ଣ୍ଣ, ଶ୍ୟାମ ନାଏକ, ପୁରନ୍ଦର ନାଏକ, ବିପିନ ଦନ୍ତା, ବିଶ୍ୱରଞ୍ଜନ ଦେହୁରୀ, ଶ୍ରୀଧର ବଘାର, ସୁରଥ କ୍ଷେତୀ, କିଆ ନାଏକ, ଲକ୍ଷ୍ମୀକାନ୍ତ ବେହେରା ନିର୍ବାଚିତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ପ୍ରିଜାଇଡିଂ ଅଫିସର ଭାବେ ବସନ୍ତ କୁମାର ଭୂମିଜ, ପୋଲିଂ ଅଫିସର ଭାବରେ ସ୍ୱାଧୀନ କୁମାର ବେହେରା, ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

# ସଚେତନତା ରଥ ଶୁଭାରମ୍ଭ




ସଚେତନତା ରଥକୁ ସବୁଜ ପତାକା ଦେଖାଯାଉଛି।

**ଅନୁଗୋଳ ଅଫିସ,୨୬।୬**

ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରେ ରବିବାର ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରଥ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାହାରିଥିଲା। ଏହି ରଥକୁ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନିଶା ସେବନ ହେଉଛି ସମାଜର ଏକ ଗୁରୁତ୍ୱର ସମସ୍ୟା ଯାହାର ସାରା ପୃଥିବୀ ସମ୍ମୁଖୀନ ହେଉଛି। ବର୍ତ୍ତମାନ ସମାଜରେ ନିଶା ସେବନ ଦ୍ରୁତ ଗତି ଧରିଛି। ଏହି ନିଶା ଦ୍ରବ୍ୟ ବ୍ୟବହାର ଓ ଅବୈଧ ଚାଲାଣକୁ ବିରୋଧ କରିବା ସହ ନିଶାସକ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ଏବଂ ଯତ୍ନ ନେବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସଚେତନତା ରଥ ସହର ପରିକ୍ରମା କରିଥିଲା। ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ଜିଲା ଅବକାରୀ ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ।

# 'ଲୋକଙ୍କ ନିକଟରେ ପହଞ୍ଚାଯିବ ପୁରାତନ ଲୋକକଳା'

**ତାଳଚେର,୨୬।୬(ନି.ପ୍ର.)**

ତାଳଚେର ବ୍ଲକସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଆମ ପୁରାଣ ଆମ ସଂସ୍କୃତି ପରିବାରର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ମାନସ କର ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ସଦସ୍ୟା, ସଦସ୍ୟମାନଙ୍କ ସମ୍ମତି କ୍ରମେ ସଭାପତି ଭାବେ ବିଭୂତି ଭୂଷଣ ସାହୁ, ଉପସଭାପତି ଭାବେ ଅରୁଣ କୁମାର ଗଡ଼ନାୟକ ଓ ସଞ୍ଚାଳକ ଭାବେ ଦିଲୀପ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ହେମନ୍ତ ଦାସ ସମ୍ପାଦକ, ଯୋଗେନ୍ଦ୍ର ବିଶ୍ୱାଳ ସହ ସମ୍ପାଦକ, ବାମଦେବ ସେଠ ସଙ୍ଗଠନ ସମ୍ପାଦକ, ତ୍ରିପୁର ଜେନା ସାଂସ୍କୃତିକ ସମ୍ପାଦକ, ସନାତନ ନାଏକ ସଂଯୋଜକ ସମ୍ପାଦକ ଓ କୋଷାଧ୍ୟକ୍ଷା ଭାବେ ସଂଯୁକ୍ତା ସାହୁଙ୍କୁ ମନୋନୀତ କରାଯାଇଥିଲା। ମାର୍ଗଦର୍ଶକ ଭାବେ ଗୌତମ ନାଏକ, ଶାନ୍ତିଲତା ରଥଙ୍କ ସହ ମୁଖ୍ୟ ଉପଦେଷ୍ଟା ଭାବେ ବିପିନ ପ୍ରଧାନ, ଉପଦେଷ୍ଟା ରାହାସ ଚନ୍ଦ୍ର ବିଶ୍ୱାଳ, ତ୍ରିନାଥ ଗଡ଼ନାୟକ, ତ୍ରେତାନନ୍ଦ ସାମନ୍ତ, ମାର୍କଣ୍ଡ ଦାସଙ୍କୁ ମନୋନିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ପ୍ରାଚୀନ ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ନୂତନ ସଭାପତି ବିଭୂତି ଭୂଷଣ ସାହୁ ପ୍ରକାଶ କରିଥିଲେ। ପ୍ରକାଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

# ତୁରଙ୍ଗ, ନାଲ୍‌କୋରେ ଭୋଟଗ୍ରହଣ

**ଦ୍ୱିତୀୟ ପର୍ଯ୍ୟାୟ ସମବାୟ ସମିତି ନିର୍ବାଚନ**

**ବଅଁରପାଳ,୨୬।୬(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଅନ୍ତର୍ଗତ ତୁରଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଏବଂ ନାଲ୍‌କୋ ବହୁମୁଖୀ ସମବାୟ ସମିତିରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ତୁରଙ୍ଗ ସମବାୟ ସମିତିର ୧୫ ୱାର୍ଡ ନିର୍ଦ୍ଦେଶକ ପଦବୀ ମଧ୍ୟରୁ ୪, ୬ ଓ ୭ନଂ. ୱାର୍ଡ ପାଇଁ ଦୁଇ ଜଣ ଲେଖାଏ ପ୍ରାର୍ଥୀ ରହିଥିଲେ। ଅନ୍ୟ ୧୨ଟି ୱାର୍ଡ କମିଟିରେ ଏକକ ପ୍ରାର୍ଥୀ ଥିବାରୁ ନିର୍ବାଚନ ଆବଶ୍ୟକ ପଡ଼ିନାହିଁ। ରବିବାର ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟରମାନେ ନିଜର ମତଦାନ କରିଥିଲେ। ପ୍ରିଜାଇଡିଂ ଅଫିସର ବାଦଲ ଦାସଙ୍କ ତତ୍ତ୍ୱାବଧାନରେ ଭୋଟଗ୍ରହଣ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନିୟୋଜିତ ହୋଇଥିଲେ। ପରେ ଭୋଟ ଗଣତି କରାଯାଇ ୪ନଂ. ୱାର୍ଡର ରୁଚିର କୁମାର ଦାସ, ୬ନଂ. ୱାର୍ଡରୁ ଦିଲୀପ ଦାସ ଏବଂ ୭ନଂ. ୱାର୍ଡର ଟୁନା ସାହୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭୋଳେଶ୍ୱର ସାହୁ ଫଳାଫଳ ଘୋଷଣା କରିଥିଲେ।

ସେହିପରି ନାଲ୍‌କୋ ବହୁମୁଖୀ ସମବାୟ ସମିତିର ୧୫ଟି ଜୋନ୍ ମଧ୍ୟରୁ ନଂ. ୧, ୩, ୫, ୬, ୭, ୮, ୯, ୧୧ ଓ ୧୫ନଂ. ୱାର୍ଡ କମିଟି ନିର୍ଦ୍ଦେଶକ ପଦବୀ ପାଇଁ ଏକକ ପ୍ରାର୍ଥୀ ଥିବାରୁ ନିର୍ବାଚନ ଆବଶ୍ୟକ ପଡି ନ ଥିଲା। ଅବଶିଷ୍ଟ ନଂ ୨, ୪, ୧୦, ୧୨, ୧୩ ଓ ୧୪ନଂ. ୱାର୍ଡ କମିଟି ନିର୍ଦ୍ଦେଶକ ପଦବୀ ପାଇଁ ଭୋଟ୍ ନିଆଯାଇଥିଲା। ୨ ନଂ. ୱାର୍ଡରେ ବିନୋଦ ବେହେରା, ୪ନଂ. ୱାର୍ଡରେ ଚନ୍ଦ୍ର ମୋହନ ମୁଣ୍ଡାରୀ, ୧୦ ନଂ. ୱାର୍ଡରେ ସନ୍ନ୍ୟାସୀ ସ୍ୱାଇଁ, ୧୨ ନଂ. ୱାର୍ଡରେ ହରି ନାଥ, ୧୩ ନଂ. ୱାର୍ଡରେ ଦାଶରଥି ବେହେରା ଏବଂ ୧୪ ନଂ. ୱାର୍ଡରେ ପ୍ରକାଶ ବେହେରା ବିଜୟୀ ହୋଇଥିବା ଜଣାଯାଇଛି। ନାଲ୍‌କୋ ଏସ୍‌ଭିଏମ୍ ବିଦ୍ୟାଳୟ ପ୍ରାଇମେରୀ–୧ଠାରେ ଭୋଟ ଗ୍ରହଣ ହୋଇଥିଲା। ୧୦୩୮ ଜଣ ଭୋଟରଙ୍କ ମଧ୍ୟରୁ ୭୬୫ ଜଣ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ସରିତା ସେଠୀ, ସମିତି ସମ୍ପାଦକ ମାନସ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନାଲ୍‌କୋ ପୋଲିସ ଏବଂ ନାଲ୍‌କୋ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଥିଲେ।



ନାଲ୍‌କୋ ସମବାୟ ସମିତିରେ ବିଜୟୀ ହୋଇଥିବା ନିର୍ଦ୍ଦେଶକ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

